ଓଡ଼ିଶା-ମୋ ପରିବାର

# ନ୍ୟୁଜ୍ ଲେଟର

## ଭିତର ପୃଷ୍ଠାରେ


- ମୁମ୍ବାଇରୁ ଫେରିଲା ମୃତ ଶରୀର; ଶେଷକୃତ୍ୟ ପାଇଁ ପଠାଗଲା ଗଞ୍ଜାମ
- ଓଡ଼ିଶା-ମୋ ପରିବାର ଏବଂ ଓଡ଼ିଶା ପରିବାର ସହାୟତାରେ ବେଙ୍ଗାଲୁରୁରୁ ଫେରିଲା ମୃତ ଶରୀର

ପୃଷ୍ଠା-୨

- ଓଡ଼ିଶା-ମୋ ପରିବାର ଦ୍ୱାରା ଅଚିହ୍ନା ଶବ ଗୁଡ଼ିକକୁ ସମ୍ମାନ ସତ୍କାର
- ମୃତଦେହକୁ ସ୍ଥାନାନ୍ତର ପାଇଁ ଯାତାୟାତ ସହାୟତା

ପୃଷ୍ଠା-୩

- ଓଡ଼ିଶା-ମୋ ପରିବାର ଦ୍ୱାରା ଶବ ସତ୍କାର
- କ୍ୟାନ୍ସର ରୋଗୀଙ୍କୁ ସହାୟତା
- ବିଜେତାଙ୍କୁ ସମ୍ବର୍ଦ୍ଧନା

ପୃଷ୍ଠା-୪

- ଚକ୍ଷୁ ପରୀକ୍ଷା ଶିବିରରେ ଚଷମା ବଣ୍ଟନ
- ଗଞ୍ଜାମରୁ କୋରାପୁଟକୁ ମୃତ ଶରୀର ସ୍ଥାନାନ୍ତର

ପୃଷ୍ଠା-୫

- ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

ପୃଷ୍ଠା-୬

- ଆପାତକାଳରେ ରକ୍ତଦାନ
- ସ୍ୱତନ୍ତ୍ର ରକ୍ତଦାନ ଶିବିର

ପୃଷ୍ଠା-୯

- 'ଜୀବନବିନ୍ଦୁ' ରକ୍ତଦାନ କାର୍ଯ୍ୟକ୍ରମ

ପୃଷ୍ଠା-୧୦

- ରକ୍ତପାଇଁ ଡାଏଲ୍ କିମ୍ବା ଟୁଇଟ୍ କରନ୍ତୁ

ପୃଷ୍ଠା-୧୧

- ଓଡ଼ିଶା-ମୋ ପରିବାର ଜରିଆରେ କୃତ୍ରିମ ଅଙ୍ଗ ପ୍ରଦାନ

ପୃଷ୍ଠା-୧୨

- ଓଡ଼ିଶା-ମୋ ପରିବାର ଦ୍ୱାରା କର୍କଟ ରୋଗୀଙ୍କୁ ସହାୟତା
- ସେବାପାଇଁ ସନ୍ଦୀପଙ୍କୁ ସମ୍ମାନିତ
- ସେପ୍ଟେମ୍ବର ମାସର ଶ୍ରେଷ୍ଠ ହେଲ୍ପଡେସ୍କ ସହଯୋଗୀ

ପୃଷ୍ଠା-୧୩

...ପୃଷ୍ଠା-୨୦ ପର୍ଯ୍ୟନ୍ତ


## ଓଡ଼ିଆ ଶ୍ରମିକ ହାଇଦ୍ରାବାଦରେ ଦୁର୍ଘଟଣାଗ୍ରସ୍ତ; ସହାୟତା ଯୋଗାଇଲା ଓଡ଼ିଶା-ମୋ ପରିବାର ଏବଂ ଓଡ଼ିଶା ପରିବାର



ମାଲକାନାଗିରି ଜିଲ୍ଲାର ୧୭ଜଣ ଶ୍ରମିକ ହାଇଦ୍ରାବାଦସ୍ଥିତ ଆଦାଗୁଟା ଅଞ୍ଚଳକୁ କାମ କରିବାକୁ ଯାଇଥିଲେ । ସେଠାରେ କେ.ପି.ଏଚ.ବି କଲୋନୀରେ ଏକ ଛ' ମହଲା କୋଠା ଉପରେ ଚଢି କାମ କରୁଥିବା ସମୟରେ ହଠାତ୍ କୋଠାଟି ଭୁଷୁଡ଼ିପଡ଼ିବାରୁ ସେମାନେ ତଳକୁ ଖସିପଡ଼ିଥିଲେ, ଯେଉଁଠାରେ ୨ଜଣ ଶ୍ରମିକ ଘଟଣାସ୍ଥଳରେ ପ୍ରାଣ ହରାଇଥିବା ବେଳେ ଅନ୍ୟ ୩ଜଣ ଗୁରୁତର ଭାବେ ଆହତ ହୋଇଥିଲେ । ସଙ୍ଗେସଙ୍ଗେ, ସେମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯିବା ବେଳେ ଗୁରୁତର ଆହତ ହୋଇଥିବା ଜଣେ ଶ୍ରମିକ ମୃତ୍ୟୁ ବରଣ କରିଥିଲେ । ଗଭୀର ଆଘାତପ୍ରାପ୍ତ ଶ୍ରମିକଜଣଙ୍କୁ ଅସ୍ତ୍ରୋପଚାର କରାଯାଇ ଆଇ. ସି. ୟୁରେ ଭର୍ତ୍ତି କରାଯାଇଥିଲା ଏବଂ ଅନ୍ୟ ଜଣେ ଚିକିତ୍ସାଧୀନ ଅବସ୍ଥାରେ ଥିଲେ ।

ଏହି ଦୁର୍ଘଟଣା ସମ୍ପର୍କରେ ଖବର ପାଇବା ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା-ମୋ ପରିବାର ଆବାହକ ମୃତାହତ ଶ୍ରମିକଙ୍କୁ କିପରି ସହଯୋଗ ମିଳିପାରିବ ସେ ନେଇ ସଙ୍ଗେସଙ୍ଗେ ସ୍ଥାନୀୟ ବରିଷ୍ଠ ପୋଲିସ୍ ଅଧିକାରୀ ଯଥା ଆନ୍ଧ୍ରପ୍ରଦେଶର ଅବସରପ୍ରାପ୍ତ ଡ଼ି. ଜି. ପି ଏସ୍. ଏ ହୁଡା, ସାଇବ୍ରାବାଦର ଏ.ସି.ପି ଶ୍ରୀ ଅବିନାଶ ମହାନ୍ତି ଏବଂ ବାଲାନାଗର ଡ଼ି.ସି.ପି ଶ୍ରୀ ଟି. ଶ୍ରୀନିବାସ ରାଓଙ୍କ ସହ ଯୋଗାଯୋଗ କରିବା ସହିତ ଓଡ଼ିଶା ପରିବାରର ନିର୍ଦ୍ଦେଶକ ଶ୍ରୀ ଦିଲ୍ଲୀପ ରାଉତରାୟଙ୍କ ସହ ଆଲୋଚନା କରିଥିଲେ । ଏହାପରେ ତୁରନ୍ତ ପଦକ୍ଷେପ ନିଆଯାଇଥିଲା ଏବଂ ଶ୍ରୀ ରାଉତରାୟ ନିଜେ ହାଇଦ୍ରାବାଦସ୍ଥିତ ଘଟଣାସ୍ଥଳକୁ ଯାଇ ପରିସ୍ଥିତି ପରଖିବା ସହିତ କମ୍ପାନୀ ପକ୍ଷରୁ ମୃତାହତ ପରିବାର ବର୍ଗଙ୍କୁ ଅନୁକମ୍ପା ରାଶି ମିଳିବା ପାଇଁ ସହାୟତା ଯୋଗାଇ ଦେଇଥିଲେ । ହାଇଦ୍ରାବାଦରେ ଥିବା ଓଡ଼ିଶା-ମୋ ପରିବାରର ପ୍ରତିନିଧି ଶ୍ରୀ ଗଗନ ରାଉତ, ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଆହତ ଶ୍ରମିକଙ୍କ ପାଖକୁ ଯାଇ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ ।

## କର୍କଟ ପୀଡ଼ିତଙ୍କୁ ଆର୍ଥିକ ସହାୟତା ପ୍ରଦାନ

ଗତ ସେପ୍ଟେମ୍ବର ମାସରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ, ୬ଜଣ କର୍କଟ ରୋଗୀଙ୍କୁ ପରବର୍ତ୍ତୀ ଚିକିତ୍ସା ପାଇଁ **1,80,000/-** ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା ।

ଅବଶିଷ୍ଟାଂଶ...ପୃଷ୍ଠା-୪



# ମୁମ୍ବାଇରୁ ଫେରିଲା ମୃତ ଶରୀର; ଶେଷକୃତ୍ୟ ପାଇଁ ପଠାଗଲା ଗଞ୍ଜାମ

ଗଞ୍ଜାମ ଜିଲ୍ଲା ଝଡାଙ୍କୁଳି ଅଞ୍ଚଳର ୨୬ ବର୍ଷିୟ ସିଦ୍ଧାନ୍ତ ସାହୁ ମୁମ୍ବାଇରେ ରହି କାମ କରୁଥିଲେ । ଏକଦା ସାଇଟରେ କାମ କରୁଥିବାବେଳେ ସେ ଏକ ଭୟଙ୍କର ଦୁର୍ଘଟଣାର ସମ୍ମୁଖୀନ ହୋଇ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। କମ୍ପାନୀ ମୃତଦେହକୁ ମୁମ୍ବାଇରୁ ଭୁବନେଶ୍ୱର ପର୍ଯ୍ୟନ୍ତ ବିମାନ ମାଧମରେ ସ୍ଥାନାନ୍ତର ପାଇଁ ବ୍ୟବସ୍ଥା କରିଥିଲା।

ମୃତକଙ୍କ ଭାଇ ନାରାୟଣ ସାହୁ ସେହି ବିମାନରେ ଯାତ୍ରା କରିବାର ଥିଲା କିନ୍ତୁ କୌଣସି ପ୍ରକାରେ ବିଳମ୍ବ ହେତୁ, ନାରାୟଣ ବିମାନରେ ଯାଇପାରିଲେ ନାହିଁ। ସେ ଡକ୍ଟର ଗୋପବନ୍ଧୁ ଦାଶଙ୍କ ସହ ଯୋଗାଯୋଗ କରି ମୃତଦେହ ଗ୍ରହଣ ପ୍ରକ୍ରିୟାରେ ସମନ୍ୱୟ ରକ୍ଷା କରିବାକୁ ଏବଂ ନିଜ ଗ୍ରାମକୁ ସ୍ଥାନାନ୍ତର କରିବା ପାଇଁ ଯାତାୟାତ ବ୍ୟବସ୍ଥା କରିବାରେ ସାହାଯ୍ୟ କରିବାକୁ ଅନୁରୋଧ କରିଥିଲେ।

ଡଃ ଦାଶଙ୍କଠାରୁ ସୂଚନା ପାଇବା ପରେ ଓଡିଶା-ମୋ ପରିବାର ଟିମ୍ ବିମାନବନ୍ଦରରେ ପହଞ୍ଚି ଆବଶ୍ୟକୀୟ ଔପଚାରିକତା ପୂରଣ କରିବା ପରେ ମୃତଦେହ ଗ୍ରହଣ କରିଥିଲେ, ପରବର୍ତ୍ତୀ ବିମାନରେ ଆସୁଥିବା ନାରାୟଣ ଭୁବନେଶ୍ୱରରେ ପହଞ୍ଚିବା ପର୍ଯ୍ୟନ୍ତ ଏହାର ଧ୍ୟାନ ରଖାଯାଇଥିଲା। ସେ ପହଞ୍ଚିବା ପରେ ମୃତଦେହ ତାଙ୍କୁ ହସ୍ତାନ୍ତର କରାଯାଇଥିଲା ଏବଂ ମୃତଦେହକୁ ବିମାନବନ୍ଦରରୁ ଗଞ୍ଜାମସ୍ଥିତ ତାଙ୍କ ଗ୍ରାମକୁ ସ୍ଥାନାନ୍ତର କରିବା ପାଇଁ ଯାତାୟାତ ବ୍ୟବସ୍ଥା କରାଯାଇଥିଲା।

ଉପଯୁକ୍ତ ସମୟରେ ଓଡ଼ିଶା-ମୋ ପରିବାର ନାରାୟଣ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ସହିତ ଛିଡ଼ା ହୋଇଥିବାରୁ ସେମାନେ ଏଥିପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା-ମୋ ପରିବାରକୁ ଅଶେଷ ଧନ୍ୟବାଦ ଜଣାଇଥିଲେ ।



ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

# ଓଡ଼ିଶା-ମୋ ପରିବାର ଏବଂ ଓଡ଼ିଶା ପରିବାର ସହାୟତାରେ ବେଙ୍ଗାଲୁରୁରୁ ଫେରିଲା ମୃତ ଶରୀର

କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ଅଞ୍ଚଳ ନିବାସୀ ଉମେଶ ଚନ୍ଦ୍ର ସାହୁଙ୍କୁ ଚିକିତ୍ସା ପାଇଁ ବେଙ୍ଗାଲୁରୁର ଭିକ୍ଟୋରିଆ ହସ୍ପିଟାଲକୁ ପଠାଯାଇଥିଲା। ରୋଗୀଙ୍କର ଯତ୍ନ ନେବା ପାଇଁ ତାଙ୍କ ପତ୍ନୀ ଏବଂ ଦୁଇଜଣ ସମ୍ପର୍କୀୟ ଥିଲେ । ସେପ୍ଟେମ୍ବର ୧୪ତାରିଖରେ ଓଡ଼ିଶାକୁ ଫେରୁଥିବାବେଳେ ଆମ୍ବୁଲାନ୍ସ ଆନ୍ଧ୍ରପ୍ରଦେଶର ଚିତ୍ତୋର ନିକଟରେ ଏକ ତେଲ ଟ୍ୟାଙ୍କର୍ ସହିତ ଧକ୍କା ହୋଇଥିଲା ଏବଂ ଦୁର୍ଭାଗ୍ୟବଶତଃ, ଆମ୍ବୁଲାନ୍ସରେ ବସିଥିବା ସମସ୍ତ ୪ଜଣଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା।




ଭୁବନେଶ୍ୱରରେ ମୃତଦେହ ଗ୍ରହଣ କରାଯାଉଛି

ପରିବାର ସଦସ୍ୟଙ୍କ ମଧ୍ୟରୁ ଜଣେ ଚିତ୍ତୋରରୁ ମୃତଦେହ ଫେରାଇ ଆଣିବାକୁ ଓଡିଶା-ମୋ ପରିବାରର ସହଯୋଗ ଲୋଡିବା ପରେ ଓଡ଼ିଶା ପରିବାରର ନିର୍ଦ୍ଦେଶକ ଶ୍ରୀ ଦିଲ୍ଲୀପ ରାଉତରାୟଙ୍କ ସହ ଏହି ବିଷୟରେ ଆଲୋଚନା କରାଯାଇଥିଲା। ସଙ୍ଗେସଙ୍ଗେ ଓଡିଶା ପରିବାର ଟିମ୍ ଦ୍ୱାରା ତୁରନ୍ତ ପଦକ୍ଷେପ ନିଆଯାଇ ମୃତଦେହ ଫେରାଇ ଅଣାଯିବାର ବ୍ୟବସ୍ଥା କରାଯାଇଥିଲା । ଭୁବନେଶ୍ୱର ବିମାନବନ୍ଦରରେ ଓଡ଼ିଶା-ମୋ ପରିବାର ଏବଂ ଓଡିଶା ପରିବାର ଦ୍ୱାରା ଗ୍ରହଣ କରାଯାଇଥିବା ମୃତଦେହଗୁଡ଼ିକୁ କେନ୍ଦ୍ରାପଡ଼ାସ୍ଥିତ ତାଙ୍କ ଗ୍ରାମକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇଥିଲା।

## ଓଡ଼ିଶା-ମୋ ପରିବାର ଦ୍ୱାରା

# ଅଚିହ୍ନା ଶବ ଗୁଡ଼ିକର ସସମ୍ମାନେ ସତ୍କାର



ଶବଗୃହରୁ ମୃତଦେହ ଗ୍ରହଣ କରାଯାଉଛି

**୧** ଓଡିଶା- ମୋ ପରିବାର ସହରର ବିଭିନ୍ନ ସ୍ଥାନରେ ଉଦ୍ଧାର ହୋଇଥିବା ଅଜଣା ତଥା ଅବହେଳିତ ଶବଗୁଡିକର ଶେଷ ରୀତିନୀତି କରିବା ପାଇଁ ଭିନ୍ନ ପଦକ୍ଷେପ ନେଇଛି । ଏହି ପରିପ୍ରେକ୍ଷୀରେ ସେପ୍ଟେମ୍ବର ମାସରେ ଖୋର୍ଦ୍ଧାର ଛତ୍ରମା ଠାରେ ଥିବା ଏକ ଗଛ ମୂଳରେ ସ୍ଥାନୀୟ ପୋଲିସ ଦ୍ୱାରା ଉଦ୍ଧାର ହୋଇଥିବା ଜଣେ ବୃଦ୍ଧଙ୍କ ମୃତଦେହ ୯୬ଘଣ୍ଟାରୁ ଅଧିକ ସମୟ ଧରି ଶବଗୃହରେ ରଖାଯାଇଥିଲା କିନ୍ତୁ ଏହି ଶବର କେହି ଦାବିଦାର ନଥିଲେ।

ଗଣମାଧ୍ୟମରେ ଏହି ଖବର ବିଷୟରେ ସୂଚନା ପାଇବା ପରେ ଆମର ଜୀବନବିନ୍ଦୁ ସଂଯୋଜକ ଶ୍ରୀ ଦିଲ୍ଲୀପ ହୋତା ତାଙ୍କ ଟିମ୍ ସହିତ ମୃତଦେହର ଶେଷକୃତ୍ୟ ସସମ୍ମାନେ ସମ୍ପନ୍ନ କରିଥିଲେ ।

**୨** ବ୍ରହ୍ମପୁର ସହରର ଶ୍ରୀରାମନଗର ଅଞ୍ଚଳର ୮୦ ବର୍ଷିୟ ବାସିନ୍ଦା ସାଇବାନି ପାଣିଗ୍ରାହି ସେପ୍ଟେମ୍ବର ୨୧ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଘଣ୍ଟା ଘଣ୍ଟା ଧରି, ତାଙ୍କର ଶବ ପଡ଼ି ରହିବା ପରେ ମଧ୍ୟ ଶେଷ ରୀତିନୀତି କରିବାକୁ କେହି ନିକଟକୁ ଆସିଲେ ନାହିଁ।

ଏହା ଦେଖି କିଛି ଲୋକ ଓଡିଶା-ମୋ ପରିବାରର ସହଯୋଗ ଲୋଡିବା ପରେ, ଖୁବ୍ ଶୀଘ୍ର, ବିଧାୟକ ଶ୍ରୀ ବିକ୍ରମ ପଣ୍ଡାଙ୍କ ସହାୟତାରେ ଆମର ହେଲ୍ପଡେସ୍କ ସହଯୋଗୀ ଗିରିଜା ଶଙ୍କର ସତପଥି ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଶ୍ମଶାନ ସ୍ଥାନାନ୍ତର କରିବା ପାଇଁ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲେ ।



ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହେବା ସମୟରେ

# ମୃତଦେହକୁ ସ୍ଥାନାନ୍ତର ପାଇଁ ଯାତାୟାତ ସହାୟତା

କଳାହାଣ୍ଡି ଜିଲ୍ଲାର ୨୬ବର୍ଷିୟ ବାସିନ୍ଦା ଲଳିତ ଭୋଇ ବିଷ ପିଇଥିଲେ ଏବଂ ତାଙ୍କୁ ଭବାନୀପାଟଣା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

ଦୁର୍ଭାଗ୍ୟବଶତଃ, ଚିକିତ୍ସା ଚାଲିଥିବା ସମୟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ମୃତଦେହ ସ୍ଥାନାନ୍ତର ପାଇଁ ପରିବାରବର୍ଗ ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ଶ୍ରୀ ବାବୁଲି ମଣ୍ଡଳଙ୍କର ସହାୟତା ଲୋଡିଥିଲେ ।

ଶ୍ରୀ ମଣ୍ଡଳଙ୍କଠାରୁ ସୂଚନା ପାଇବା ପରେ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ହିମାଂଶୁ ନାୟକ ପରିବାରବର୍ଗଙ୍କ ସାଥିରେ ଛିଡ଼ା ହୋଇଥିଲେ ଏବଂ ସେମାନଙ୍କୁ ହସ୍ପିଟାଲର ଆବଶ୍ୟକୀୟ ପ୍ରକ୍ରିୟାରେ ସାହାଯ୍ୟ କରିବା ସହିତ ପରିବାରବର୍ଗଙ୍କୁ ହସ୍ପିଟାଲରୁ ସେମାନଙ୍କ ବାସଭବନକୁ ସ୍ଥାନାନ୍ତର କରିବା ପାଇଁ ଯାତାୟାତ ବ୍ୟବସ୍ଥା କରିଥିଲେ।




ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

# ଓଡ଼ିଶା-ମୋ ପରିବାର ଦ୍ୱାରା ଶବ ସତ୍କାର

୧ ଭୁବନେଶ୍ୱରସ୍ଥିତ ଶୈଳଶ୍ରୀବିହାର ଅଞ୍ଚଳରେ ରହୁଥିବା ଲକ୍ଷ୍ମଣ ନାଏକ (୩୦ବର୍ଷ), ଦିନ ମଜୁରି କରି ପରିବାର ଚଳାଉଥିଲେ । ଘରେ ତାଙ୍କର ୩ ଭାଇଙ୍କ ସହିତ ପତ୍ନୀ ଏବଂ ଗୋଟେ କୁନି



ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଉଛି

ଝିଅଟି ଅଛି । ଲକ୍ଷ୍ମଣ ଗତ ସେପ୍ଟେମ୍ବର ୧୨ତାରିଖରେ ସିଡ଼ିରେ ଚଢୁଥିବା ବେଳେ ହଠାତ୍ ଖସିପଡ଼ି ଆହତ ହୋଇଥିଲେ ଏବଂ ହସ୍ପିଟାଲ ପହଞ୍ଚିବା ବେଳକୁ ଶେଷ ନିଃଶ୍ୱାସ ତ୍ୟାଗ କରି ସାରିଥିଲେ । ପରିବାର ବର୍ଗ, ଲକ୍ଷ୍ମଣଙ୍କର ଶେଷକୃତ୍ୟ ସମ୍ପନ୍ନ କରିବାକୁ ସକ୍ଷମ ନଥିବାରୁ ନିକଟସ୍ଥ ଚର୍ଚ୍ଚର ପାଷ୍ଟର ଏ.ଆନନ୍ଦ ପଲ୍ ଙ୍କର ସହାୟତା ଲୋଡ଼ିବା ପରେ ପାଷ୍ଟର ବିଜୁ ଜନତା ଦଳ ତଥା ଓଡ଼ିଶା-ମୋ ପରିବାରର ଯୁଗ୍ମ ସମ୍ପାଦକ ଶ୍ରୀ ରୁଦ୍ର ନାରାୟଣ ସାମନ୍ତରାୟଙ୍କୁ ଜଣାଇଥିଲେ ।

ଘଟଣା ସମ୍ପର୍କରେ ସୂଚନା ପାଇବା ପରେ, ଶ୍ରୀ ସାମନ୍ତରାୟ ତୁରନ୍ତ ପଦକ୍ଷେପ ନେଇ ଜୟ ଓଡ଼ିଶାର "ଶେଷସାଥି" ଯାନ ସହାୟତାରେ ତାଙ୍କ ମୃତ ଶରୀରକୁ କ୍ୟାପିଟାଲ ହସ୍ପିଟାଲରୁ ସତ୍ୟନଗର ଶ୍ମଶାନକୁ ସ୍ଥାନାନ୍ତର କରାଇଥିଲେ ଏବଂ ନିଜେ ଉପସ୍ଥିତ ରହି ଶ୍ମଶାନରେ ଖ୍ରୀଷ୍ଟିୟାନ ରୀତିନୀତିରେ ଲକ୍ଷ୍ମଣଙ୍କ ଶେଷକୃତ୍ୟ ସମ୍ପନ୍ନ ପାଇଁ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ ।

୨ ଭୁବନେଶ୍ୱରସ୍ଥିତ ସତ୍ୟନଗର ଅଞ୍ଚଳର ସତ୍ୟକାଳୀ ବସ୍ତିରେ ରହୁଥିବା ୨୯ବର୍ଷିୟ ଯୁବକ ରଞ୍ଜନ ପ୍ରଧାନ ସାଧାରଣ ଶୌଚାଳୟରେ ଚୁକ୍ତିଭିତ୍ତିକ କର୍ମଚାରୀ ଭାବରେ କାମ କରୁଥିଲେ । ସ୍ୱଭାବରେ ସେ ଅତ୍ୟନ୍ତ ପରୋପକାରୀ ଏବଂ ଅନ୍ୟ ପାଇଁ ବଞ୍ଚୁଥିବା ବ୍ୟକ୍ତିଟିଏ ଥିଲେ । କୋଭିଡ୍ ମହାମାରୀ ସମୟରେ, ଓଡ଼ିଶା-ମୋ ପରିବାର ପକ୍ଷରୁ ମୃତକଙ୍କ ଶବ ସତ୍କାର କରାଯାଉଥିବା ବେଳେ ସେ ସ୍ୱେଚ୍ଛାସେବୀ ଭାବରେ ନିଜକୁ ନିୟୋଜିତ କରିଥିଲେ । ବାପା, ମା'ଙ୍କୁ ହରାଇଥିବା ରଞ୍ଜନ, ସମାଜ ପାଇଁ ନିଜକୁ ଉତ୍ସର୍ଗ କରି ଦେଇଥିଲେ ଏବଂ ସେହି ସମାଜ ତାଙ୍କୁ ଅନେକ ମହତ୍ ପରିଚୟ ଦେଇଥିଲା । କିନ୍ତୁ, ଦୁର୍ଭାଗ୍ୟବଶତଃ, ରଞ୍ଜନ ହଠାତ୍ ହୃଦଘାତ ଯୋଗୁଁ ପ୍ରାଣ ତ୍ୟାଗ କଲେ ।

ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରୁ ପ୍ରକାଶ ବୋଲି ଜଣେ ଯୁବକ ରଞ୍ଜନଙ୍କ ମୃତ୍ୟୁ ସମ୍ପର୍କରେ ବିଜୁ ଜନତା ଦଳ ତଥା ଓଡ଼ିଶା-ମୋ ପରିବାର ଯୁଗ୍ମ ସମ୍ପାଦକ ଶ୍ରୀ ରୁଦ୍ର ନାରାୟଣ ସାମନ୍ତରାୟଙ୍କୁ ସୂଚନା ଦେବା ପରେ ତୁରନ୍ତ ପଦକ୍ଷେପ ନିଆଯାଇ ଜୟ ଓଡ଼ିଶାର "ଶେଷସାଥି" ଯାନ ସହାୟତାରେ ତାଙ୍କ ମୃତ ଶରୀରକୁ ସତ୍ୟନଗର ଶ୍ମଶାନକୁ ସ୍ଥାନାନ୍ତର କରାଯାଇଥିଲା



ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

ଏବଂ ଓଡ଼ିଶା-ମୋ ପରିବାର ଟିମ୍ ଦ୍ୱାରା ଶ୍ମଶାନରେ ରଞ୍ଜନଙ୍କ ମୃତଶରୀରକୁ ସସମ୍ମାନେ ସତ୍କାର କରାଯାଇଥିଲା ।

*ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...*

# କ୍ୟାନ୍ସର ରୋଗୀଙ୍କୁ ସହାୟତା

ଓଡିଶା-ମୋ ପରିବାର ତତ୍ତ୍ୱାବଧାନରେ କଟକ ସହର ଜୀବନବିନ୍ଦୁ ଜିଲ୍ଲା ସଂଯୋଜକ ତଥା ନିରାମୟ ଯୋଜନାର ଉପଦେଷ୍ଟା ଶ୍ରୀ ରଞ୍ଜନ ବିଶ୍ୱାଳ ସକ୍ରିୟ ସମନ୍ୱୟ ରକ୍ଷା କରି, ୬ଜଣ କ୍ୟାନ୍ସର ରୋଗୀଙ୍କ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧,୮୦,୦୦୦/ - ସହାୟତା ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀ ଦେବାଶିଷ ସାମନ୍ତରାୟ (କଟକ ଜିଲ୍ଲା ସଭାପତି-ବିଜେଡି) ମଧ୍ୟ ଉପସ୍ଥିତ ଥିଲେ।

## ବିଜେତାଙ୍କୁ ସମ୍ବର୍ଦ୍ଧନା




ଅଗଷ୍ଟ ୨୮ ତାରିଖରେ ଆଇବିଏସ୍ଏ ବିଶ୍ୱ କ୍ରିକେଟ ଖେଳରେ ସ୍ୱର୍ଣ୍ଣ ପଦକ ଜିତିବା ପରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିବା ଭାରତୀୟ ମହିଳା ଦୃଷ୍ଟିହୀନ କ୍ରିକେଟ୍ ଦଳର ଚାରିଜଣ ଓଡିଆ ଆଦିବାସୀ ମହିଳା ଖେଳାଳିଙ୍କୁ ଓଡ଼ିଶା- ମୋ ପରିବାର ପକ୍ଷରୁ ଶୁଭେଚ୍ଛା ଜଣାଯାଇଥିଲା ।

# ଚକ୍ଷୁ ପରୀକ୍ଷା ଶିବିରରେ ଚଷମା ବଣ୍ଟନ

ଓଡ଼ିଶା-ମୋ ପରିବାର ଏବଂ ଏଲ୍.ଭି.ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ୍, ପଟିଆ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ଅନ୍ତର୍ଗତ ବି.ଡ଼ି.ଏ କଲୋନୀ, କମ୍ୟୁନିଟି ହଲ୍ ରେ ଏକ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା । ଏହି ଶିବିରରେ ଚକ୍ଷୁ ବିଭାଗର ଡାକ୍ତରମାନେ ପ୍ରାୟ ୮୦ଜଣଙ୍କର ଚକ୍ଷୁ ପରୀକ୍ଷା କରିଥିଲେ । ମୋତିଆବିନ୍ଦୁ, କଳା ମୋତିଆବିନ୍ଦୁ, ଗ୍ଲୁକୋମା, ଦୃଷ୍ଟି ଦୋଷ ଯଥା- ସମିପ, ଦୂର ଏବଂ ବକ୍ର ଦୃଷ୍ଟି ଦୋଷ ନିରୂପଣ କରାଯାଇ ସେମାନଙ୍କ ଚଷମାର ନମ୍ବର ଆଦି ପରୀକ୍ଷା କରାଯାଇଥିଲା । ପରୀକ୍ଷା ପରେ, ୨୫ଜଣ ବ୍ୟକ୍ତି ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ ହୋଇଥିବା ବେଳେ ୪୪ଜଣ ବ୍ୟକ୍ତିଙ୍କୁ ଚଷମା ଆବଶ୍ୟକ ଥିବାର ଚିହ୍ନଟ ହୋଇଥିଲା । ହିତାଧିକାରୀଙ୍କୁ ପଢିବା ଚଷମା ଏବଂ ବାଇଫୋକାଲ୍ ଗ୍ଲାସ୍ ଆବଶ୍ୟକ ଥିଲା ଯାହା ସେମାନଙ୍କୁ ଓଡ଼ିଶା-ମୋ ପରିବାର ପକ୍ଷରୁ ପ୍ରଦାନ କରାଯାଇଥିଲା । ଏହି ସମୟରେ ଓଡ଼ିଶା-ମୋ ପରିବାର ସମ୍ପାଦକ ଶ୍ରୀ ସୁବାଷ ପାତ୍ର, ସ୍ଥାନୀୟ କର୍ପୋରେଟର ଇତିଶ୍ରୀ ଦାସ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ଘର ପାଖରେ ଏଭଳି ଶିବିର ଆୟୋଜନ କରିଥିବାରୁ ହିତାଧିକାରୀମାନେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା-ମୋ ପରିବାରକୁ ଅଶେଷ କୃତଜ୍ଞତା ଜଣାଇଥିଲେ ।



ହିତାଧିକାରୀଙ୍କୁ ଚଷମା ବଣ୍ଟନ କରାଯାଉଛି

# ଗଞ୍ଜାମରୁ କୋରାପୁଟକୁ ମୃତ ଶରୀର ସ୍ଥାନାନ୍ତର



ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

ପେଟରେ ଅତ୍ୟଧିକ ସଂକ୍ରମଣ ହୋଇଥିବାରୁ କୋରାପୁଟ ଜିଲ୍ଲାର ଆଦିବାସୀ ସମ୍ପ୍ରଦାୟ ବାସିନ୍ଦା ରମେଶ ଖରାଙ୍କୁ ବ୍ରହ୍ମପୁରସ୍ଥିତ ଏମ୍. କେ.ସି.ଜି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ।

ଚିକିତ୍ସା ସମୟରେ ସଂକ୍ରମଣ ବ୍ୟାପିବା ଆରମ୍ଭ ହେବାରୁ ରମେଶଙ୍କ ଅବସ୍ଥା ଖରାପ ହୋଇଗଲା ଏବଂ ଡାକ୍ତରଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ସେ ବଞ୍ଚିପାରିଲେ ନାହିଁ । ପୁଅର ଅକାଳ ବିୟୋଗରେ ପରିବାରବର୍ଗ ଗଭୀର ଦୁଃଖିତ ହୋଇ ଅସହାୟ ଅବସ୍ଥାରେ ହସ୍ପିଟାଲରେ ବୁଲୁଥିଲେ ।

କୌଣସି ପ୍ରକାରେ ଏହି ଘଟଣା ସମ୍ପର୍କରେ ବିଧାୟକ ଶ୍ରୀ ବିକ୍ରମ ପଣ୍ଡା ଜାଣିବା ପରେ ତୁରନ୍ତ, ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଗିରିଜା ହସ୍ପିଟାଲରେ ପହଞ୍ଚି ପରିବାରବର୍ଗଙ୍କ ପାଖରେ ଛିଡା ହୋଇଥିଲେ ଏବଂ ଡାକ୍ତରଖାନାରେ ଆବଶ୍ୟକୀୟ ସହାୟତା ଯୋଗାଇବା ସହିତ ଶ୍ରୀ ପଣ୍ଡାଙ୍କ ସହାୟତାରେ ମୃତଦେହକୁ ହସ୍ପିଟାଲରୁ କୋରାପୁଟସ୍ଥିତ ତାଙ୍କ ଗ୍ରାମକୁ ସ୍ଥାନାନ୍ତର କରିବା ପାଇଁ ଯାତାୟାତ ବ୍ୟବସ୍ଥା କରିଥିଲେ ।

# ହେଲ୍ଥଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

## ବିରଳ ଶ୍ରେଣୀର ରକ୍ତ ପ୍ରଦାନ



ଗିରିଜାଙ୍କ ଠାରୁ ରୋଗୀଙ୍କ ଭାଇ ରକ୍ତ ଗ୍ରହଣ କରୁଛନ୍ତି

ଗାଇନିକ୍ ରୋଗରେ ପୀଡିତ ବ୍ରହ୍ମପୁରର ୪୭ବର୍ଷିୟା ବାସିନ୍ଦା ପତ୍ରୀ ନାୟକଙ୍କୁ ଅସ୍ତ୍ରୋପଚାର ପାଇଁ ଏମ୍.କେ.ସି.ଜି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ଅସ୍ତ୍ରୋପଚାର ସମୟରେ ବିରଳ AB + ve ରକ୍ତର ଜରୁରୀ ଆବଶ୍ୟକତା ଥିଲା, କିନ୍ତୁ ପରିବାରବର୍ଗ ଯୋଗାଡ଼ କରିପାରିନଥିଲେ । ଓଡ଼ିଶା-ମୋ ପରିବାର ହେଲ୍ଥଡେସ୍କ ସହଯୋଗୀ ଗିରିଜା ରୋଗୀଙ୍କ ପାଖରେ ଉପସ୍ଥିତ ରହି ରକ୍ତର ବ୍ୟବସ୍ଥା କରିବା ସହିତ ଚିକିତ୍ସା ସମୟରେ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ |

ପୁରୀର ୩୮ବର୍ଷିୟା ସ୍ନେହଲତା ସାହୁଙ୍କୁ ଅସ୍ତ୍ରୋପଚାର ପାଇଁ ପୁରୀ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

ଓଡ଼ିଶା-ମୋ ପରିବାର ହେଲ୍ଥଡେସ୍କ ସହଯୋଗୀ ବିଶ୍ୱ ରୋଗୀଙ୍କ ପାଖରେ ଉପସ୍ଥିତ ରହି ଚିକିତ୍ସା ସମୟରେ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ । ଅସ୍ତ୍ରୋପଚାର ସମୟରେ ବିରଳ AB + ve ରକ୍ତର ଆବଶ୍ୟକତା ଥିଲା ଯାହା ପରିବାରବର୍ଗ ଯୋଗାଡ଼ କରିପାରିନଥିଲେ । ଓଡ଼ିଶା-ମୋ ପରିବାର ହେଲ୍ଥଡେସ୍କ ସହଯୋଗୀ ବିଶ୍ୱ ଘଟଣା ସମ୍ପର୍କରେ ଜାଣିବା ପରେ ପରିବାରବର୍ଗଙ୍କୁ ଅସ୍ତ୍ରୋପଚାର ସମୟରେ ରକ୍ତ ଯୋଗାଡ଼ କରି ଦେଇଥିଲେ |



ହସ୍ପିଟାଲରେ ରୋଗୀଙ୍କ ମାମୁଁଙ୍କୁ ରକ୍ତ ହସ୍ତାନ୍ତର କରାଯାଉଛି



ରୋଗୀଙ୍କ ସ୍ୱାମୀଙ୍କୁ ହସ୍ପିଟାଲରେ ରକ୍ତ ହସ୍ତାନ୍ତର କରାଯାଇଛି

ଗାଇନିକ ରୋଗରେ ପୀଡିତ ଗଞ୍ଜାମର ୨୫ବର୍ଷିୟା ସୁକାନ୍ତୀ ପାତ୍ରଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଓଡ଼ିଶା-ମୋ ପରିବାର ହେଲ୍ଥଡେସ୍କ ସହଯୋଗୀ ସୋମନାଥ ସ୍ୱାଇଁ ରୋଗୀଙ୍କ ପାଖରେ ଉପସ୍ଥିତ ରହି ଆବଶ୍ୟକୀୟ ସାହାଯ୍ୟ କରିଥିଲେ । ଚିକିତ୍ସା ସମୟରେ, ବିରଳ A-ve ରକ୍ତର ଜରୁରୀ ଆବଶ୍ୟକତା ଥିଲା ଯାହା ପରିବାରବର୍ଗ ଯୋଗାଡ଼ କରି ପାରିନଥିଲେ । ହେଲ୍ଥଡେସ୍କ ସହଯୋଗୀ ଜ୍ୟୋତିଙ୍କ ସହ ସମନ୍ୱୟ ରକ୍ଷା କରି ସୋମନାଥ କ୍ୟାପିଟାଲ ହସ୍ପିଟାଲରୁ ଏକ ୟୁନିଟ୍ ରକ୍ତ ଯୋଗାଡ଼ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲେ ।

# ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସହାୟତା


ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ରୋଗୀ

କୋରାପୁଟ ଜିଲ୍ଲାର ୧୭ବର୍ଷିୟା ତବସ୍ସୁମ୍ ବେନୋଙ୍କ କାନରେ କିଛି ସମସ୍ୟା ଥିବାରୁ ବିଶାଖାପାଟଣାସ୍ଥିତ ଇଣ୍ଡସ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ।

ଡାକ୍ତର ଦେଖିବା ପରେ ରୋଗୀଙ୍କୁ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଇଥିଲେ । ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ପ୍ରକାଶ ବେହେରା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ରୋଗୀଙ୍କ ଅସ୍ତ୍ରୋପଚାର କରାଇବା ପାଇଁ ସମସ୍ତ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ ଏବଂ ରୋଗୀ ସୁସ୍ଥ ହେବା ପରେ ନିଜ ଘରକୁ ନିରାପଦରେ ଫେରିବା ପାଇଁ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ ।

ହୃଦ ସମ୍ବନ୍ଧୀୟ ସମସ୍ୟାରେ ପୀଡ଼ିତ ରାୟଗଡ଼ାର ୬୧ବର୍ଷିୟ ବାସିନ୍ଦା ଦିବାକର ବେହେରାଙ୍କୁ ବିଶାଖାପାଟଣାସ୍ଥିତ ଇଣ୍ଡସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ପ୍ରକାଶ ବେହେରା ରୋଗୀଙ୍କ ପାଖରେ ଉପସ୍ଥିତ ରହି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ ଆଡମିଶନ ସମୟରେ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ । ରୋଗୀଙ୍କ ଅସ୍ତ୍ରୋପଚାର ଚାଲିଥିବା ସମୟରେ ମଧ୍ୟ ପ୍ରକାଶ ସାହାଯ୍ୟ କରିଥିଲେ ।


ରୋଗୀଙ୍କ ସହିତ ହେଲ୍ପଡ଼େସ୍କ ସହଯୋଗୀ ପ୍ରକାଶ


ରୋଗୀଙ୍କ ସହିତ ହେଲ୍ପଡ଼େସ୍କ ସହଯୋଗୀ ହିମାଂଶୁ

ରକ୍ତ କର୍କଟ ରୋଗରେ ପୀଡ଼ିତ କଳାହାଣ୍ଡି ଜିଲ୍ଲାର ୬୦ବର୍ଷିୟ ଭୁପିନ୍ଦର ସିଂ ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯାଇଥିଲେ।

ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ହିମାଂଶୁ ନାୟକ ରୋଗୀଙ୍କ ପାଖରେ ଉପସ୍ଥିତ ରହି ହସ୍ପିଟାଲରେ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ । ଡାକ୍ତରଙ୍କ ପରାମର୍ଶ ଏବଂ ଆବଶ୍ୟକୀୟ ପରୀକ୍ଷଣ ପରେ ରୋଗୀଙ୍କୁ ପରବର୍ତ୍ତୀ ଚିକିତ୍ସା ପାଇଁ ଅନ୍ୟ ଏକ ହସ୍ପିଟାଲକୁ ରେଫର୍ କରାଗଲା। ସେଠାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ପରବର୍ତ୍ତୀ ଚିକିତ୍ସା ପାଇଁ ଆବଶ୍ୟକୀୟ କାଗଜପତ୍ର ପୂରଣରେ ହିମାଂଶୁ ରୋଗୀଙ୍କୁ ସାହାଯ୍ୟ କରିଥିଲେ ।

# ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

## ରୋଗୀଙ୍କ ପାଇଁ ଯାତାୟାତ ସହାୟତା


ରୋଗୀଙ୍କୁ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡିରେ ରହୁଥିବା ମହିଳା କୁନି ଗୌଡ଼ ଏବଂ ନିଲୁ ଗୌଡ଼ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଚିକିତ୍ସା ନିମନ୍ତେ ବ୍ରହ୍ମପୁରସ୍ଥିତ ଏମ୍.କେ.ସି.ଜି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ।

ହସ୍ପିଟାଲରେ ଥିବା ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଗିରିଜା ଶତପଥୀ ଜରୁରୀକାଳୀନ ଚିକିତ୍ସା ଚାଲିଥିବା ସମୟରେ ସେମାନଙ୍କ ନିକଟରେ ଉପସ୍ଥିତ ଥିଲେ। ପରେ ଉଭୟ ରୋଗୀଙ୍କୁ ପରବର୍ତ୍ତୀ ଚିକିତ୍ସା ପାଇଁ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରିବାକୁ ପରାମର୍ଶ ଦିଆଯାଇଥିଲା। ପରିବାର ସଦସ୍ୟଙ୍କର ଅନୁରୋଧ କ୍ରମେ ଏବଂ ବିଧାୟକ ଶ୍ରୀ ବିକ୍ରମ ପଣ୍ଡାଙ୍କ ସହାୟତାରେ ସେମାନଙ୍କୁ ସ୍ଥାନାନ୍ତର କରିବା ପାଇଁ ଯାତାୟାତ ବ୍ୟବସ୍ଥା କରାଯାଇଥିଲା। ଘରୋଇ ଡାକ୍ତରଖାନାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ ଗିରିଜା ପରିବାରକୁ ଆବଶ୍ୟକୀୟ କାଗଜପତ୍ର ପୂରଣ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ ।

କର୍କଟ ରୋଗରେ ପୀଡ଼ିତ କଳାହାଣ୍ଡିର ୫୭ବର୍ଷିୟ ବାସିନ୍ଦା ଶାନ୍ତିଲତା ମିଶ୍ରଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ରୋଜାଲିନ ବେହେରା ଚିକିତ୍ସା ଚାଲିଥିବା ସମୟରେ ରୋଗୀଙ୍କ ପାଖରେ ଉପସ୍ଥିତ ଥିଲେ ଏବଂ ରୋଗୀ ପାଇଁ ଆବଶ୍ୟକ ଥିବା ରକ୍ତର ବ୍ୟବସ୍ଥା ମଧ୍ୟ କରିଥିଲେ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ରୋଗୀଙ୍କୁ ପରବର୍ତ୍ତୀ ଚିକିତ୍ସା ପାଇଁ ବୁର୍ଲାସ୍ଥିତ ଭୀମସାର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ରୋଗୀଙ୍କୁ ହସ୍ପିଟାଲରୁ ବୁର୍ଲାକୁ ସ୍ଥାନାନ୍ତର କରିବା ପାଇଁ ରୋଜାଲିନ ପରିବାରକୁ ଆବଶ୍ୟକୀୟ ସାହାଯ୍ୟ କରିଥିଲେ ଏବଂ ରୋଗୀଙ୍କୁ ଭୀମସାର ହସ୍ପିଟାଲରେ ଆବଶ୍ୟକୀୟ ସାହାଯ୍ୟ ଯୋଗାଇ ଦେବା ପାଇଁ ହେଲ୍ପଡେସ୍କ ସହଯୋଗୀ ଧିରେନ୍ଦ୍ରଙ୍କ ସହିତ ମଧ୍ୟ ସମନ୍ୱୟ ରକ୍ଷା କରିଥିଲେ।


ରୋଗୀଙ୍କୁ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା



ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

କଟକ ଜିଲ୍ଲା ମାହାଙ୍ଗା ଅଞ୍ଚଳର ବାସିନ୍ଦା ରଜନୀ ସେଠୀ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଜରୁରୀକାଳୀନ ଚିକିତ୍ସା ପାଇଁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ।

ଦୁର୍ଭାଗ୍ୟବଶତଃ, ସେ ଚିକିତ୍ସିତ ହେଉଥିବାବେଳେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଶୋକସନ୍ତପ୍ତ ପରିବାରବର୍ଗ ମୃତଦେହ ସ୍ଥାନାନ୍ତର କରିବା ପାଇଁ ବିଧାୟକ ଶ୍ରୀ ପ୍ରତାପ ଜେନାଙ୍କ ସହାୟତା ଲୋଡ଼ିଥିଲେ। ଶ୍ରୀ ଜେନା, ଓଡ଼ିଶା-ମୋ ପରିବାର କଟକ ସହର ଜୀବନ ବିନ୍ଦୁ ସଂଯୋଜକ ଶ୍ରୀ ରଂଜନ ବିଶ୍ୱାଳଙ୍କ ସହ ଆଲୋଚନା କରିବା ପରେ ଶ୍ରୀ ବିଶ୍ୱାଳ ତୁରନ୍ତ ହସ୍ପିଟାଲରେ ପହଞ୍ଚିଥିଲେ ଏବଂ ମୃତଦେହକୁ ହସ୍ପିଟାଲରୁ ସେମାନଙ୍କ ବାସଭବନକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲେ। ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସନ୍ତୋଷ ଦାସ ଏହି ପ୍ରକ୍ରିୟାକୁ ସଂଯୋଜନା କରିଥିଲେ ।

# ଆପାତକାଳରେ ରକ୍ତଦାନ



ଓଡ଼ିଶା-ମୋ ପରିବାର ପକ୍ଷରୁ କଳିଙ୍ଗ ହସ୍ପିଟାଲରେ ରକ୍ତ କର୍କଟ ରୋଗୀଙ୍କ ପାଇଁ ରକ୍ତଦାତା ଯୋଗାଡ଼



ଓଡ଼ିଶା-ମୋ ପରିବାର ପକ୍ଷରୁ ସମ୍ ହସ୍ପିଟାଲରେ ଡ଼ାଏଲିସିସ ଚାଲୁଥିବା ରୋଗୀଙ୍କ ପାଇଁ ରକ୍ତଦାତା ଯୋଗାଡ଼



ଓଡ଼ିଶା-ମୋ ପରିବାର ପକ୍ଷରୁ ଆମ୍ରି ହସ୍ପିଟାଲରେ କିଡ଼ନୀ ଜନିତ ସମସ୍ୟା ଥିବା ରୋଗୀଙ୍କ ପାଇଁ ରକ୍ତଦାତା ଯୋଗାଡ଼



ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲରେ ଜଣେ କର୍କଟ ରୋଗୀଙ୍କ ପାଇଁ ହେଲ୍ପଡ଼େସ୍କ ସହଯୋଗୀ ସୋମନାଥ ରକ୍ତଦାତା ଯୋଗାଡ଼ କରିଛନ୍ତି



ସମ୍ ହସ୍ପିଟାଲରେ ଜଣେ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କ ପାଇଁ ହେଲ୍ପଡ଼େସ୍କ ସହଯୋଗୀ ଶିବ ରକ୍ତଦାତା ଯୋଗାଡ଼ କରିଛନ୍ତି



ଆପୋଲୋ ହସ୍ପିଟାଲରେ ଜଣେ କିଡ଼ନୀ ଜନିତ ସମସ୍ୟା ଥିବା ରୋଗୀଙ୍କ ପାଇଁ ହେଲ୍ପଡ଼େସ୍କ ସହଯୋଗୀ ଶିବ ରକ୍ତଦାତା ଯୋଗାଡ଼ କରିଛନ୍ତି


## ସ୍ୱତନ୍ତ୍ର ରକ୍ତଦାନ ଶିବିର

ସ୍ୱାୟତ୍ତ ଶାସନ ଦିବସ ପାଳନ କରିବା ଉପଲକ୍ଷେ ବାରିପଦା ପୌରପାଳିକା ଦ୍ୱାରା ଓଡିଶା-ମୋ ପରିବାର ଅଧୀନରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା, ଯେଉଁଠାରେ ସମୁଦାୟ ୪୦୩ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା, ଯାହା ସର୍ବାଧିକ ସଂଗ୍ରହ ଅଟେ । ବାରିପଦା ପୌରପାଳିକାର ଅଧକ୍ଷ ଶ୍ରୀ କୃଷ୍ଣାନନ୍ଦ ମହାନ୍ତି ଏବଂ ତାଙ୍କ ପରିଷଦ ସଦସ୍ୟମାନେ ଏହି ଶିବିରକୁ ସଂଯୋଜନା କରିଥିଲେ। ଓଡ଼ିଶା-ମୋ ପରିବାର ଉପଦେଷ୍ଟା ଶ୍ରୀ ବିବେକାନନ୍ଦ ପଟ୍ଟନାୟକ ଏହି ପ୍ରକ୍ରିୟାରେ ସହଯୋଗ କରିଥିଲେ।



# 'ଜୀବନବିନ୍ଦୁ' ରକ୍ତଦାନ କାର୍ଯ୍ୟକ୍ରମ

ଓଡିଶା-ମୋ ପରିବାର, 'ଜୀବନବିନ୍ଦୁ' କାର୍ଯ୍ୟକ୍ରମ ମାଧ୍ୟମରେ ସାରା ରାଜ୍ୟରେ ରକ୍ତଦାନ ଶିବିରମାନ ଆୟୋଜନ କରି ଡାକ୍ତରଖାନାରେ ଆବଶ୍ୟକ ପଡୁଥିବା ରକ୍ତ ପାଇଁ ରାଜ୍ୟର ସମସ୍ତ ରକ୍ତ ଭଣ୍ଡାରକୁ ରକ୍ତ ଯୋଗାଣରେ ଏକ ପ୍ରମୁଖ ଅଂଶିଦାର ଭାବେ ରକ୍ତ ଯୋଗାଇ ଆସୁଛି। ରକ୍ତ ଭଣ୍ଡାର ଗୁଡ଼ିକର କ୍ଷମତା, ବର୍ତ୍ତମାନର ଷ୍ଟକ୍ ଏବଂ ଆବଶ୍ୟକତାକୁ ବିଚାରକୁ ନେଇ ସେପ୍ଟେମ୍ବର ମାସରେ ସମୁଦାୟ **୧୨,୫୧୨** ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।




## ଜିଲ୍ଲା ସ୍ତରରେ ରକ୍ତ ସଂଗ୍ରହ (ୟୁନିଟ୍ ରେ)




## ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ସଂଯୋଜକ

ସେପ୍ଟେମ୍ବର ୨୦୨୩



**ଶ୍ରୀ ରଞ୍ଜନ ବିଶ୍ୱାଳ**

କଟକ ନଗର-1320 Units



**ଶ୍ରୀ ପ୍ରକାଶ ତ୍ରିପାଠୀ**

ଭୁବନେଶ୍ୱର(ଉତ୍ତର)-1211 Units



**ଶ୍ରୀ ଶୁଭେନ୍ଦୁ ମଙ୍ଗରାଜ**

ବାଲେଶ୍ୱର-1006 Units

# ରକ୍ତପାଇଁ ଡାଏଲ୍ କିମ୍ବା ଟୁଇଟ୍ କରନ୍ତୁ

ଠିକ୍ ସମୟରେ ଯୋଗାଇ ଦିଆଯାଇଥିବା ରକ୍ତ ମୂଲ୍ୟବାନ ଜୀବନ ରକ୍ଷା କରେ । ଓଡ଼ିଶା-ମୋ ପରିବାର ଏହାର "ବ୍ଲଡ଼ ପାଇଁ ଡାଏଲ୍/ଟ୍ୱିଟ" ଇ-ସର୍ଭିସ ପ୍ଲାଟଫର୍ମ ଜରିଆରେ ରକ୍ତ ପାଇଁ ଆସୁଥିବା ଅନୁରୋଧକୁ ଡିଜିଟାଲ ଫୋରମ ମାଧ୍ୟମରେ ପୂରଣ କରୁଛି । ଗତ ସେପ୍ଟେମ୍ବର ମାସରେ 'ଓଡ଼ିଶା-ମୋ ପରିବାର' ଜରୁରୀକାଳୀନ ପରିସ୍ଥିତିରେ **୨୨୯** ଜଣଙ୍କୁ ରକ୍ତ ଯୋଗାଇ ଦେଇଛି । ଯେଉଁମାନଙ୍କ ମଧ୍ୟରୁ **୩୪** ଜଣଙ୍କୁ ଦୁର୍ଲଭ ରକ୍ତ ଯୋଗାଇ ଦିଆଯାଇଛି।

| କ୍ର.ସଂଖ୍ୟା | ରୋଗୀଙ୍କ ନାମ | ବୟସ | ପ୍ରଦାନ କରାଯାଇଥିବା ରକ୍ତ ୟୁନିଟ୍ | ଗ୍ରୁପ୍ | ସ୍ଥାନ |
|---|---|---|---|---|---|
| ୧ | ବାସନ୍ତୀ ପ୍ରଧାନ | ୪୯ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଝାରସୁଗୁଡ଼ା |
| ୨ | ଶରତ ଚନ୍ଦ୍ର ଜେନା | ୬୫ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଭୁବନେଶ୍ୱର |
| ୩ | କାଞ୍ଚନବାଳା ସ୍ୱାଇଁ | ୮୨ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କଟକ |
| ୪ | ଅଙ୍କିତା ଦଳାଇ | ୧୫ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କଟକ |
| ୫ | ଦଶମା ନାଏକ | ୨୪ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB- | କଟକ |
| ୬ | ସ୍ନେହଲତା ସାହୁ | ୩୮ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ପୁରୀ |
| ୭ | ରତ୍ନାକରୀ ଜେନା | ୫୧ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କଟକ |
| ୮ | ଟିକି ଛତ୍ର | ୩୯ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ବରଗଡ଼ |
| ୯ | ସର୍ବେଶ୍ୱର ଜେନା | ୫୦ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କଟକ |
| ୧୦ | କୁନି ଜେନା | ୨୯ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଭଦ୍ରକ |
| ୧୧ | ମମତା ମୁଳିଆ | ୪୮ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | O- | କଟକ |
| ୧୨ | ବିଷ୍ଣୁ ଚରଣ ମହାନ୍ତି | ୬୫ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଅନୁଗୋଳ |
| ୧୩ | ପତ୍ରି ନାୟକ | ୪୭ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | A- | ବ୍ରହ୍ମପୁର |
| ୧୪ | ଅପର୍ଣ୍ଣା ଘୋଷ | ୪୩ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କଟକ |
| ୧୫ | ଉପାସୀ କର୍ମୀ | ୨୯ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ବରଗଡ଼ |
| ୧୬ | ସୁକାନ୍ତ ବେହେରା | ୨୮ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | A- | ଭୁବନେଶ୍ୱର |
| ୧୭ | ରାମ ଗୌଡ଼ | ୪୯ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | O- | ଗଞ୍ଜାମ |
| ୧୮ | ପୁରୁଷୋତ୍ତମ ପ୍ରଧାନ | ୬୮ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ପୁରୀ |
| ୧୯ | ସୁରୁବାବୁ ବିଶି | ୬୪ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଭବାନୀପାଟଣା |
| ୨୦ | କନକଲତା ନାୟକ | ୬୦ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଜଗତସିଂହପୁର |

# ଓଡ଼ିଶା-ମୋ ପରିବାର ଜରିଆରେ କୃତ୍ରିମ ଅଙ୍ଗ ପ୍ରଦାନ


ପୂର୍ବରୁ



ପରେ

**୧** ଆନନ୍ଦ ବାରିକ, ଏକ ଛୋଟ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିଲେ । ଗତ ୧୯୯୬ ମସିହାରେ, ତାଙ୍କ ବାମ ଗୋଡରେ ଏକ କଣ୍ଟା ଫୁଟିଥିଲା । ଯାହା ସମୟକ୍ରମେ ସଂକ୍ରମଣ ଆଡ଼କୁ ଗତି କଲା । ଏକାଧିକ ଚିକିତ୍ସା ସତ୍ତ୍ୱେ ସମୟ ସହିତ ଆନନ୍ଦଙ୍କ ଅବସ୍ଥା ଅଧିକ ଖରାପ ହେବାରୁ ସେ ଶେଷରେ କର୍କଟ ରୋଗରେ ଆକ୍ରାନ୍ତ ହେଲେ ଏବଂ ଦୁର୍ଭାଗ୍ୟବଶତଃ, ୨୦୦୪ମସିହା ମେ' ମାସରେ ତାଙ୍କ ଗୋଡ଼ର ଆଣ୍ଠୁ ତଳକୁ କାଟି ଦିଆଯାଇଥିଲା। ଓଡ଼ିଶା-ମୋ ପରିବାର ଦ୍ୱାରା କୃତ୍ରିମ ଅଙ୍ଗ ଯୋଗାଣ ବିଷୟରେ ଜଣେ ସ୍ୱେଚ୍ଛାସେବୀ ଏସ୍‌.କେ ଅର୍ଶଦ ଜାଣିଥିଲେ ଏବଂ ସେ ଆନନ୍ଦଙ୍କ ବିଷୟରେ ଜାଣିବା ପରେ ଯୁଗ୍ମ ସମ୍ପାଦକ ଶ୍ରୀ ରୁଦ୍ର ସାମନ୍ତରାୟଙ୍କୁ ସୂଚନା ଦେଇଥିଲେ। ଏହା ପରେ ଓଡ଼ିଶା-ମୋ ପରିବାର ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ କ୍ୟାପିଟାଲ ହସ୍ପିଟାଲ ପରିସରଭୁକ୍ତ ଏ.ଆର.ସି ସହିତ ସମନ୍ୱୟ ରକ୍ଷା କରି ଆନନ୍ଦଙ୍କୁ କୃତ୍ରିମ ଗୋଡ଼ ଯୋଗାଇ ଦିଆଯାଇଥିଲା ।

**୨** ୧୦ବର୍ଷ ପୂର୍ବେ, ଯାଜପୁର ଜିଲ୍ଲା କୁଆଖିଆ ଅଞ୍ଚଳର ଅନ୍ୟଜଣେ ବ୍ୟକ୍ତି ରବୀନ୍ଦ୍ର ପରିଡ଼ା ଏକ ଗ୍ରିଲ ଦୋକାନରେ କାମ କରୁଥିବା ବେଳେ ଗରମ ଧାତୁର ଖଣ୍ଡେ ତାଙ୍କ ଡାହାଣ ଗୋଡ ଉପରେ ପଡ଼ିଯିବା ଫଳରେ ଗୋଡ଼ ଜଳି ଯାଇଥିଲା । ଗୋଡ଼ର ଅସ୍ତ୍ରୋପଚାର କରାଯିବା ପରେ କ୍ଷତ ସଂକ୍ରମଣ ଆଡ଼କୁ ଗତି କରିବାରୁ, ତାଙ୍କ ଗୋଡ଼ କଟା ଯାଇଥିଲା । ଓଡ଼ିଶା-ମୋ ପରିବାର ପକ୍ଷରୁ କୃତ୍ରିମ ଅଙ୍ଗ ଯୋଗାଣ ସମ୍ପର୍କରେ ଗଣମାଧ୍ୟମରୁ ଖବର ପାଇବା ପରେ କୃତ୍ରିମ ଗୋଡ଼ ପାଇବା ଆଶାରେ ରବୀନ୍ଦ୍ରଙ୍କ ସାଙ୍ଗ ଓଡ଼ିଶା-ମୋ ପରିବାରକୁ ଯୋଗାଯୋଗ କରିଥିଲେ । ଏହା ପରେ ଓଡ଼ିଶା-ମୋ ପରିବାର ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ କ୍ୟାପିଟାଲ ହସ୍ପିଟାଲ ପରିସରଭୁକ୍ତ ଏ.ଆର.ସି ସହିତ ସମନ୍ୱୟ ରକ୍ଷା କରି ରବୀନ୍ଦ୍ରଙ୍କୁ କୃତ୍ରିମ ଗୋଡ଼ ଯୋଗାଇ ଦିଆଯାଇଥିଲା ।


ପୂର୍ବରୁ


ପରେ


ପୂର୍ବରୁ


ପରେ

**୩** ନୟାଗଡ଼ର ୪୯ବର୍ଷୀୟ ବାସିନ୍ଦା ସୁରେନ୍ଦ୍ର କୁମାର ପ୍ରଧାନ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ, ଯାହାଫଳରେ ତାଙ୍କ ଡାହାଣ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ବିଭିନ୍ନ ଡାକ୍ତରଖାନାରେ ତାଙ୍କର ଚିକିତ୍ସା ଜାରି ରଖିଥିଲେ ସୁଦ୍ଧା ସମୟାନୁକ୍ରମେ ତାଙ୍କ ଗୋଡ଼ରେ କିଛି ଜଟିଳତା ଦେଖାଯାଇଥିଲା ଏବଂ ଦୁର୍ଭାଗ୍ୟବଶତଃ,ତାଙ୍କ ଗୋଡ଼ର ଆଣ୍ଠୁ ତଳକୁ କାଟି ଦିଆଯାଇଥିଲା।ତାଙ୍କୁ ଏକ କୃତ୍ରିମ ଗୋଡ଼ ଯୋଗାଇ ଦେବା ପାଇଁ ସେ ବିଜୁ ମହିଳା ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦିକା ଲିଙ୍କନ ସୁବୁଦ୍ଧିଙ୍କର ସହାୟତା ଲୋଡ଼ିବା ପରେ ସେ ଏ ସମ୍ପର୍କରେ ଓଡ଼ିଶା-ମୋ ପରିବାରକୁ ସୂଚନା ଦେଇଥିଲେ । ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଓଡ଼ିଶା-ମୋ ପରିବାର ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ କ୍ୟାପିଟାଲ ହସ୍ପିଟାଲ ପରିସରଭୁକ୍ତ ଏ.ଆର.ସି ସହିତ ସମନ୍ୱୟ ରକ୍ଷା କରି ସୁରେନ୍ଦ୍ରଙ୍କୁ କୃତ୍ରିମ ଗୋଡ଼ ଯୋଗାଇ ଦିଆଯାଇଥିଲା । କୃତ୍ରିମ ଅଙ୍ଗ ଲାଗିବା ପରେ ସୁରେନ୍ଦ୍ରଙ୍କ ମୁହଁରେ ଖୁସିର ଲହରୀ ଖେଳିଯାଇଥିଲା । ସେ ଏଥିପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା-ମୋ ପରିବାରକୁ ଅଶେଷ ଧନ୍ୟବାଦ ଜଣାଇଥିଲେ ।

# ଓଡ଼ିଶା-ମୋ ପରିବାର ଦ୍ୱାରା କର୍କଟ ରୋଗୀଙ୍କୁ ସହାୟତା

କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ, ଏକ ସ୍ୱେଚ୍ଛାସେବୀ ସଂଗଠନ ସହିତ ମିଳିତ ଭାବରେ ଓଡ଼ିଶା ମୋ ପରିବାର ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲକୁ ରେଫର୍ ହୋଇଥିବା କର୍କଟ ରୋଗୀଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା, ଡାକ୍ତରଖାନାରେ କାଗଜପତ୍ର ପ୍ରକ୍ରିୟାରେ ସହାୟତା, ଚିକିତ୍ସା ପାଇଁ ଆଭ୍ୟନ୍ତରୀଣ ସମନ୍ୱୟ ରକ୍ଷା କରିବା ସହିତ ରୋଗୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ଡାକ୍ତରଖାନା ନିକଟରେ ସୁଲଭ ମୂଲ୍ୟରେ ରହିବା ପାଇଁ ବ୍ୟବସ୍ଥା କରାଇ ଦେଇଥାଏ ।

ସେମାନଙ୍କ ମଧ୍ୟରୁ, ପାକସ୍ଥଳୀ କର୍କଟ ରୋଗରେ ପୀଡ଼ିତ ଅମୀୟ ପାଣି, ଫୁସ୍-ଫୁସ୍ କର୍କଟ ରୋଗରେ ପୀଡ଼ିତ ପ୍ରତାପ କୁମାର ସାହୁ ଏବଂ ସ୍ତନ କର୍କଟ ରୋଗରେ ପୀଡ଼ିତ ବିଜୟଲକ୍ଷ୍ମୀ ଜେନାଙ୍କୁ ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ନୂତନ ପଞ୍ଜିକରଣ, ଡାକ୍ତରଙ୍କ ପରାମର୍ଶ ଏବଂ ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରୀକ୍ଷଣରେ ସାହାଯ୍ୟ କରାଯାଇଛି।

ଗତ ସେପ୍ଟେମ୍ବର ମାସରେ ଓଡ଼ିଶା-ମୋ ପରିବାର **୩୬**ଜଣ କର୍କଟ ରୋଗୀଙ୍କୁ ସହାୟତା ଯୋଗାଇ ଦେଇଥିଲା । ଯେଉଁମାନଙ୍କ ମଧ୍ୟରୁ **୨୦**ଜଣ କର୍କଟ ରୋଗୀଙ୍କୁ ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସା ପାଇଁ ସହାୟତା ଯୋଗାଇ ଦିଆଯାଇଥିଲା ଏବଂ **୪** ଜଣ ରୋଗୀଙ୍କୁ ଆମ ହେଲ୍ପଡେ଼ସ୍କ ସହଯୋଗୀ ଅନଲାଇନ ମାଧ୍ୟମରେ ଦ୍ୱିତୀୟ ପରାମର୍ଶ ନେବାରେ ସାହାଯ୍ୟ କରିଥିଲେ । ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ କାର୍ଯ୍ୟରତ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନର ସ୍ୱେଚ୍ଛାସେବୀମାନେ ରୋଗୀମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ନିୟମିତ ପଚାରି ବୁଝୁଛନ୍ତି ଏବଂ ସେମାନଙ୍କୁ ହସ୍ପିଟାଲରେ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯାଉଛି ।

## ସେବାପାଇଁ ସନ୍ଦୀପ ସମ୍ମାନିତ



କଟକ, ବାରବାଟୀ ଷ୍ଟାଡିୟମରେ କଟକ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସୂଚନା ଏବଂ ଜନସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ , ଓଡିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଶ୍ରୀ ସନ୍ଦୀପ ରଥଙ୍କୁ ନିଷ୍ଠାପର ଭାବେ ରୋଗୀଙ୍କ ସେବା କରିଥିବାରୁ ସମ୍ମାନିତ କରାଯାଇଥିଲା। ସେ ପ୍ରାୟ ୩୦୦୦ରୁ ଅଧିକ ରୋଗୀଙ୍କୁ ସାହାଯ୍ୟ କରିଛନ୍ତି ଏବଂ କଟକ ବଡ଼ ମେଡିକାଲ, ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ର, ସିଟି ହସ୍ପିଟାଲ ଏବଂ ଶିଶୁ ଭବନରେ ୨୦୦ରୁ ଅଧିକ ରୋଗୀଙ୍କୁ ରକ୍ତ ଏବଂ ପ୍ଲାଜମା ଯୋଗାଇ ଦେଇଛନ୍ତି।

## ସେପ୍ଟେମ୍ବର ମାସର ଶ୍ରେଷ୍ଠ ହେଲ୍ପଡେସ୍କ ସହଯୋଗୀ

### ବୈକୁଣ୍ଠ ମଣ୍ଡଳ



ରାଜ୍ୟର ପ୍ରମୁଖ ଡାକ୍ତରଖାନା ଗୁଡ଼ିକରେ ଅବସ୍ଥାପିତ ହେଲ୍ପଡେସ୍କ ସହଯୋଗୀ ମାନେ ହେଉଛନ୍ତି ସଂଗଠନର ଆଗଧାଡ଼ିର କର୍ମଚାରୀ, ଯେଉଁମାନେ ଡାକ୍ତରଖାନା ଗୁଡ଼ିକରେ ଅଭାବୀ ଲୋକମାନଙ୍କୁ ସାହାଯ୍ୟ କରି ସଂଗଠନର ଦୃଷ୍ଟିକୋଣ ପୂରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି।

ହସ୍ପିଟାଲରେ ଆବଶ୍ୟକ ଚିକିତ୍ସା ସହାୟତା ଯୋଗାଇ ଦେବା ବ୍ୟତୀତ ସେମାନେ ରୋଗୀ ଏବଂ ତାଙ୍କ ପରିବାର ସଦସ୍ୟମାନଙ୍କୁ ସେମାନଙ୍କ କଠିନ ସମୟରେ ନୈତିକ ସହାୟତା ପ୍ରଦାନ କରନ୍ତି। ସହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ହସ୍ପିଟାଲରେ ଥିବା ହେଲ୍ପଡେସ୍କ ସହଯୋଗୀ ବୈକୁଣ୍ଠ ମଣ୍ଡଳଙ୍କୁ ଗତମାସର "ଶ୍ରେଷ୍ଠ ହେଲ୍ପଡେସ୍କ ସହଯୋଗୀ" ଭାବରେ ବିବେଚିତ କରାଯାଇଛି।


ଜୀବନ ବିନ୍ଦୁ ଓଡ଼ିଶା-ମୋ ପରିବାର

# ଜୀବନବିନ୍ଦୁ ରକ୍ତଦାନ ଶିବିର


ଖୋର୍ଦ୍ଧା



ଭୁବନେଶ୍ୱର


କଟକ


ଅନୁଗୋଳ


ବାଲେଶ୍ୱର



ଢେଙ୍କାନାଳ



ମୟୂରଭଞ୍ଜ


ଯାଜପୁର



ପୁରୀ


ବରଗଡ଼


ସୁନ୍ଦରଗଡ଼


ଗଞ୍ଜାମ


ରାଉରକେଲା



ସମ୍ବଲପୁର


ନୂଆପଡ଼ା


କନ୍ଧମାଳ


ନୟାଗଡ଼


ଦେବଗଡ଼



କେନ୍ଦୁଝର



ବୌଦ୍ଧ


କେନ୍ଦ୍ରାପଡ଼ା



ସୁବର୍ଣ୍ଣପୁର



ରାୟଗଡ଼ା

# ସାମାଜିକ ଗଣମାଧ୍ୟମରେ ଓଡ଼ିଶା-ମୋ ପରିବାର

**Biju Janata Dal**
@bjd_odisha · Follow

ଭୁବନେଶ୍ୱର ୟୁନିଟ୍-୧, ଜି.ଇ.ଡି ବସ୍ତିରେ ପ୍ରାଣ ହରାଇଥିବା ଗୌରାଙ୍ଗ ନାୟକଙ୍କ ପରିବାରକୁ ସାହା ହୋଇଛି 'ଓଡ଼ିଶା-ମୋ ପରିବାର'। @MoParivarOdisha ର ଉଦ୍ୟମ ଫଳରେ ତାଙ୍କ ମୃତ ଦେହର ଅନ୍ତିମ ସତ୍କାର କରାଯାଇପାରିଛି। ଅସହାୟ ଲୋକଙ୍କ ପାଇଁ ସଦା ପ୍ରତିବଦ୍ଧ ଥିବା ଓଡ଼ିଶା-ମୋ ପରିବାର ସେବାର ଅନନ୍ୟ ଉଦାହରଣ ସୃଷ୍ଟି କରିଛି।... Show more




**Biju Janata Dal**
@bjd_odisha · Follow

ରକ୍ତ ଆବଶ୍ୟକତା ପୂରଣ ନେଇ ଉତ୍ତର ଭୁବନେଶ୍ୱରର ପାଞ୍ଚଟି ପଞ୍ଚାୟତରେ @MoParivarOdisha ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ୧୪୫ ୟୁନିଟ୍ ରକ୍ତ ସଂଗ୍ରହ ହେବା ବେଶ ଉତ୍ସାହଜନକ। ମୁଖ୍ୟମନ୍ତ୍ରୀ ଶ୍ରୀ @Naveen_Odisha ଙ୍କ ସେବା ନୀତିକୁ ସଂକଳ୍ପ ଭାବେ ଆପଣାଇ ଓଡ଼ିଶା-ମୋ ପରିବାରର ସଦସ୍ୟ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିଛନ୍ତି। ସୌ:... Show more





**Biju Janata Dal**
@bjd_odisha · Follow

ସଭାପତି ତଥା ମୁଖ୍ୟମନ୍ତ୍ରୀ ଶ୍ରୀ @Naveen_Odisha ଙ୍କ ଆହ୍ୱାନକ୍ରମେ ଆନ୍ଦୋଳନର ରୂପ ନେଉଛି @MoParivarOdisha @JibanBindu ରକ୍ତଦାନ କାର୍ଯ୍ୟକ୍ରମ। ରକ୍ତାଭାବ ଦୂର କରି ଲୋକଙ୍କ ଅମୂଲ୍ୟ ଜୀବନ ରକ୍ଷା ପାଇଁ କନ୍ଧମାଳ ବିଜୁ, ଯୁବ, ଛାତ୍ର ଏବଂ ମହିଳା ଜନତା ଦଳ ପକ୍ଷରୁ ଆୟୋଜିତ ରକ୍ତଦାନ କାର୍ଯ୍ୟକ୍ରମ ମହତବାର୍ତ୍ତା ଦେଉଛି।... Show more




**Biju Janata Dal**
@bjd_odisha · Follow

ରକ୍ତାଭାବ ଦୂର କରି ଲୋକଙ୍କ ଜୀବନ ରକ୍ଷା ଲକ୍ଷ୍ୟରେ ଫୁଲବାଣୀଠାରେ ଆୟୋଜିତ ଓଡ଼ିଶା-ମୋ ପରିବାର @JibanBindu ରକ୍ତଦାନ ଶିବିରରେ ୫୬ ୟୁନିଟ ସଂଗ୍ରହ ହୋଇଛି। ସମାଜର କଲ୍ୟାଣ ପାଇଁ ରକ୍ତଦାନ ଶିବିରରେ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ଯୋଗଦାନ ଉତ୍ସାହପ୍ରଦ। #Odisha



# ଆପଣଙ୍କ ମୁହଁରୁ

ମୋ ସ୍ୱାମୀ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଚିକିତ୍ସା ପାଇଁ ବୁର୍ଲାସ୍ଥିତ ଭୀମସାର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ଏବଂ ତାଙ୍କ ଚିକିତ୍ସା ଚାଲିଥିବା ସମୟରେ ୪ୟୁନିଟ୍ ରକ୍ତର ଆବଶ୍ୟକତା ଥିଲା । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ଧୀରେନ୍ଦ୍ରଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ମୋତେ ଉପଯୁକ୍ତ ସମୟରେ ରକ୍ତ ଯୋଗାଡ଼ କରି ଦେଇଥିଲେ ।



**କୁମାରୀ ଦେହୁରୀ**
ସମ୍ବଲପୁର, 8249938831

ମୋର ଗୋଡ଼ ଅସ୍ତ୍ରୋପଚାର ସମୟରେ ମୁଁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲରେ ଭର୍ତ୍ତି ହୋଇଥିଲି । ମୋ ଅସ୍ତ୍ରୋପଚାର ସରିବା ପରେ ମୁଁ ଚାଲିବାକୁ ସକ୍ଷମ ନଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ବୈକୁଣ୍ଠଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ମୋତେ ହସ୍ପିଟାଲରେ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ ।



**ଦୈତାରୀ ହରିଜନ**
କୋରାପୁଟ, 6370283208

ମୋ ବାପା ଡେଙ୍ଗୁ ଜ୍ୱରରେ ପୀଡ଼ିତ ହୋଇ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ଆଲୋକଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି । ଯିଏକି ମୋତେ ହସ୍ପିଟାଲରେ ଆବଶ୍ୟକୀୟ ସାହାଯ୍ୟ କରିବା ସହିତ ଉପଯୁକ୍ତ ସମୟରେ ମୋ ବାପାଙ୍କ ପାଇଁ ପ୍ଲାଜମା ଯୋଗାଡ଼ କରି ଦେଇଥିଲେ ।



**ସଞ୍ଜୀବ ମହାକୁଡ଼**
Bhubaneswar,6372670939

ମୁଁ ଚିକିତ୍ସା ପାଇଁ ଏମ୍ସ ହସ୍ପିଟାଲରେ ଭର୍ତ୍ତି ହୋଇଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ସୋମନାଥଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏ, ମୋତେ ହସ୍ପିଟାଲରେ ଆବଶ୍ୟକୀୟ ସାହାଯ୍ୟ କରିବା ସହିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ କାଗଜପତ୍ର ପୂରଣ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ ।



**ମଞ୍ଜୁ ବେହେରା**
ଅନୁଗୁଳ, 7655925962

ମୋ ଝିଅର ବେକ ଅସ୍ତ୍ରୋପଚାର ପାଇଁ ତାକୁ ମୁଁ ଭାଇଜାଗ୍ ସ୍ଥିତ ଅନୁ ହସ୍ପିଟାଲକୁ ନେଇ ଯାଇଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ପ୍ରକାଶଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ମୋ ଝିଅର ଆଡମିଶନ ଠାରୁ ଆରମ୍ଭ କରି ଡିସ୍ଚାର୍ଜ ହେବା ପର୍ଯ୍ୟନ୍ତ ହସ୍ପିଟାଲରେ ସମସ୍ତ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ ।



**ରୁବି ଅରଲାବ୍**
କଳାହାଣ୍ଡି, 8895955300

ମୋ ବାପାଙ୍କର ମୂତ୍ରାଶୟ ରକ୍ତସ୍ରାବ ହେଉଥିବାରୁ ତାଙ୍କୁ ବ୍ରହ୍ମପୁରସ୍ଥିତ ଏମ୍.କେ.ସି.ଜି ହସ୍ପିଟାଲ ନେଇକି ଯାଇଥିଲି ଏବଂ ତାଙ୍କ ଚିକିତ୍ସା ଚାଲିଥିବା ସମୟରେ ଜରୁରୀ AB+ve ରକ୍ତର ଆବଶ୍ୟକତା ଥିଲା । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ଗିରିଜାଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ଉପଯୁକ୍ତ ସମୟରେ ମୋ ବାପାଙ୍କ ପାଇଁ ରକ୍ତ ଯୋଗାଡ଼ କରି ଦେଇଥିଲେ ।



**ବଂଶି ଯୋଶେଫ**
ବ୍ରହ୍ମପୁର, 7789972014

ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ରୋଜାଲିନଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ମୋତେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରୀକ୍ଷଣ ଏବଂ ଔଷଧ କାଉଣ୍ଟରରୁ ଔଷଧ ପାଇବାରେ ସାହାଯ୍ୟ କରିଥିଲେ ।



**ରାଜେଶ ନାୟକ**
ଭବାନୀପାଟଣା, 8763886232

ମୁଁ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ହସ୍ପିଟାଲ ଯାଇଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ଶୁଭମଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ମୋତେ ସେଠାରେ ଡାକ୍ତରଙ୍କ ପରାମର୍ଶ ନେବାରେ ସାହାଯ୍ୟ କରିବା ସହିତ ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରୀକ୍ଷଣ ଏବଂ ଔଷଧ କାଉଣ୍ଟରରୁ ଔଷଧ ପାଇବାରେ ସାହାଯ୍ୟ କରିଥିଲେ ।



**ବୁଲବୁଲ ଦେ**
ବାରିପଦା, 8763405903

ମୋତେ ରକ୍ତ କର୍କଟ ରୋଗ ହୋଇଥିବାରୁ ମୁଁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲି । ସେଠାରେ ପରବର୍ତ୍ତୀ ଚିକିତ୍ସା ନିମନ୍ତେ ବୁର୍ଲାସ୍ଥିତ ଭୀମସାର ହସ୍ପିଟାଲ ଯିବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ମୁଁ ହିମାଂଶୁଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ମୋର ଚିକିତ୍ସା ପାଇଁ ଆବଶ୍ୟକୀୟ କାଗଜପତ୍ର ପୂରଣ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ ।



**ଭୂପିନ୍ଦ୍ର ସିଂହ**
କଳାହାଣ୍ଡି, 9437197676

ମୁଁ ଚକ୍ଷୁ ପରୀକ୍ଷା କରିବା ପାଇଁ କ୍ୟାପିଟାଲ ହସ୍ପିଟାଲ ଯାଇଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ଜ୍ୟୋତିଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ହସ୍ପିଟାଲରେ ମୋତେ ଆବଶ୍ୟକୀୟ ସହାୟତା ଯୋଗାଇ ଦେବା ସହିତ ଔଷଧ କାଉଣ୍ଟରରୁ ଔଷଧ ପାଇବାରେ ସାହାଯ୍ୟ କରିଥିଲେ ।



**ପ୍ରେମା ସାହୁ**
ଭୁବନେଶ୍ୱର, 9237551545

## ଓଡ଼ିଶା-ମୋ ପରିବାର କାର୍ଯ୍ୟକ୍ରମ

# ଯୋଗାଯୋଗ ପାଇଁ ଜରୁରୀ ନମ୍ବର

### ଚକ୍ଷୁ ପରୀକ୍ଷା ଶିବିର

ଚକ୍ଷୁ ପରୀକ୍ଷା ଶିବିର କରିବା ଏବଂ ମୋତିଆବିନ୍ଦୁ ସମସ୍ୟାଥିବା ବ୍ୟକ୍ତିଙ୍କ ପାଇଁ ମାଗଣା ଅସ୍ତ୍ରୋପଚାର କରିବାରେ ସାହାଯ୍ୟ କରିବା

ମନସ୍ୱିନୀ ଦାଶ 8917400700
ଶ୍ରଦ୍ଧା ସୁଚିସ୍ମିତା 7978260364

### କୃତ୍ରିମ ଅଙ୍ଗ ପ୍ରଦାନ

ଅଭାବୀ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ କୃତ୍ରିମ ଅଙ୍ଗ ଯୋଗାଇ ଦେବାରେ ସହାୟତା

ମନସ୍ୱିନୀ ଦାଶ 8917400700

### ଅଙ୍ଗଦାନ

NOTTO (ନ୍ୟାସନାଲ ଅର୍ଗାନ୍ ଆଣ୍ଡ ଟିସୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ୍) ର ସହଯୋଗରେ ଅଙ୍ଗଦାନ ଶିବିର ଆୟୋଜନ କରିବା

ମନସ୍ୱିନୀ ଦାଶ 8917400700
ମାନସୀ ରାୟ 9078151969

### ଜୱାନଙ୍କୁ ସହାୟତା

ପ୍ରତିରକ୍ଷା ସେବା ତଥା ରାଜ୍ୟ ବାହାରେ ପୋଷ୍ଟିଂ ହୋଇଥିବା ସାମରିକ କର୍ମଚାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମ୍ମୁଖୀନ

ବର୍ଷା ରାଉତରାୟ 8260112415
ଶ୍ରଦ୍ଧା ସୁଚିସ୍ମିତା 7978260364

### ପରିବେଶ ସୁରକ୍ଷା

ବୃକ୍ଷରୋପଣ ଏବଂ ବର୍ଜ୍ୟବସ୍ତୁ ପରିଚାଳନା

ବର୍ଷା ରାଉତରାୟ 8260112415

### ଦିବ୍ୟାଙ୍ଗ ଶିଶୁମାନଙ୍କୁ ସହାୟତା

୩ ରୁ ୧୪ ବର୍ଷର ଦିବ୍ୟାଙ୍ଗ ଶିଶୁ ମାନଙ୍କୁ SIEP ରେ ଚିକିତ୍ସାର ବ୍ୟବସ୍ଥା କରାଇଦେବା

ମାନସୀ ରାୟ 9078151969
ଶ୍ରଦ୍ଧା ସୁଚିସ୍ମିତା 7978260364

### ବୃତ୍ତିଗତ ପରାମର୍ଶ ଓ ଦିଗଦର୍ଶନ

ବୃତ୍ତିଗତ ସୁଯୋଗ କ୍ଷେତ୍ରରେ ଆଶାୟୀ ଯୁବକ ଯୁବତୀମାନଙ୍କୁ ପରାମର୍ଶ ଓ ଦିଗ୍-ଦର୍ଶନ ପ୍ରଦାନ କରିବା

ବର୍ଷା ରାଉତରାୟ 8260112415
ମନସ୍ୱିନୀ ଦାଶ 8917400700

### ଡିପୋଜିଟାରୀ

ଓଡ଼ିଶା-ମୋ ପରିବାର ଅନୁକୂଲ୍ୟରେ ଆୟୋଜନ ହେଉଥିବା କାର୍ଯ୍ୟକ୍ରମର ଗୁଡ଼ିକର ଫଟୋ ଏବଂ ଭିଡ଼ିଓ ପଠାଇବା ପାଇଁ

ବିଭୂତି କୁମାର ଭୋଇ 9040458180



## ପ୍ରବାସୀଙ୍କୁ ସହାୟତା

ପ୍ରବାସୀ ମାନଙ୍କ ବୟସ୍କ ମାତାପିତା ତଥା ପିଲାମାନଙ୍କର ହଠାତ୍ ସ୍ୱାସ୍ଥ୍ୟଗତ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ସମସ୍ୟାରେ ଆମ ସ୍ୱେଚ୍ଛାସେବୀମାନଙ୍କ ଜରିଆରେ ସହାୟତା ପ୍ରଦାନ

ମନସ୍ୱିନୀ ଦାଶ 8917400700 | ମାନସୀ ରାୟ 9078151969

## ଜୀବନବିନ୍ଦୁ

ଅଭାବୀ ରୋଗୀଙ୍କୁ ବିରଳ ଗ୍ରୁପ୍ ରକ୍ତ ଯୋଗାଇବା ସହିତ ରକ୍ତଦାନ ସମ୍ବନ୍ଧୀୟ ବ୍ୟାପାର

ରଜତ ଅଗ୍ରୱାଲ 9437067999 | ଚିତ୍ତ ରଂଜନ ମିଶ୍ର 8917400701

## କ୍ୟାନସର ରୋଗୀଙ୍କୁ ସହାୟତା

କ୍ୟାନସର ରୋଗୀମାନଙ୍କୁ ସ୍ଥାନୀୟ ଏବଂ ମୁମ୍ବାଇ ସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସାପାଇଁ ସଂଚାଳନ କରିବା

ଦେବଶ୍ରୀ ଦାସ 7504986342 | ରଜତ ଅଗ୍ରୱାଲ 9437067999

## ସ୍ୱାସ୍ଥ୍ୟସେବା

### ପ୍ରମୁଖ ଡାକ୍ତରଖାନାରେ ହେଲ୍ପଡେସ୍କ

**ଏସ୍.ସି.ବି.ମେଡ଼ିକାଲ, କଟକ**
ସନ୍ଦୀପ ରଥ - ୯୭୭୮୭୭୪୭୭୭
ସନ୍ତୋଷ କୁମାର ଦାସ - ୯୮୬୧୭୦୮୭୨୫

**କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱର**
ଆଲୋକ ରଞ୍ଜନ ସାହୁ - ୮୧୧୪୮୨୨୦୮୫
ଜ୍ୟୋତିରଞ୍ଜନ ପ୍ରଧାନ- ୯୮୬୧୩୦୬୦୯୬

**ସମ୍ ହସ୍ପିଟାଲ, ଭୁବନେଶ୍ୱର**
ଶିବ ପ୍ରସାଦ ରାଉତ - ୭୯୭୮୭୩୬୪୩୧

**ଏମସ୍, ଭୁବନେଶ୍ୱର**
ସୋମନାଥ ସ୍ୱାଇଁ - ୭୨୦୫୭୪୩୫୦୭

**ହାଇ-ଟେକ୍ ମେଡ଼ିକାଲ, ଭୁବନେଶ୍ୱର**
ବିକାଶ ବେହେରା - ୬୩୭୧୯୬୩୮୯୭

**ଡି.ଏଚ୍.ଏଚ୍. ଭବାନୀପାଟଣା**
ରୋଜାଲିନ ପଣ୍ଡା - ୭୭୪୯୦୩୦୪୭୦
ହିମାଂଶୁ ନାୟକ - ୯୧୭୮୭୨୧୧୯୭

**ଏସ୍.ଏଲ୍.ଏନ୍.ଏମ୍.ସି.ଏଚ୍., କୋରାପୁଟ**
ବୈକୁଣ୍ଠ ମଣ୍ଡଳ- ୮୭୬୩୭୩୦୫୮୭

**ଏମ୍.କେ.ସି.ଜି. ବ୍ରହ୍ମପୁର**
ଗିରିଜା ଶଙ୍କର ସତପଥୀ-୯୭୭୬୮୭୮୪୮୩

**ଭିମସାର, ବୁର୍ଲା**
ଧିରେନ୍ଦ୍ର ସୁନା- ୮୦୧୮୭୬୧୦୬୦
ନରେନ୍ଦ୍ର ସୁନା- ୯୩୩୭୯୫୯୬୩୪

**ଡି.ଏଚ୍.ଏଚ୍., ପୁରୀ**
ବିଶ୍ୱ ଭୂଷଣ ମହାନ୍ତି- ୯୩୩୭୬୦୦୭୭୫

**ବିଶାଖାପାଟଣା**
ପ୍ରକାଶ ବେହେରା-୯୭୦୧୯୯୪୮୬୮

**ଏଫ୍.ଏମ୍.ଏମ୍.ସି.ଏଚ୍.,ବାଲେଶ୍ୱର**
ମୃତ୍ୟୁଞ୍ଜୟ ମହାରଣା-୭୯୭୮୫୬୨୩୬୫

**ପି.ଆର୍.ଏମ୍.ଏମ୍.ସି.ଏଚ୍, ବାରିପଦା**
ଶୁଭମ୍ ଭଞ୍ଜ - ୮୯୧୭୩୬୧୫୪୫

**ଅଫିସ୍ ସଂଯୋଜକ**
ମନସ୍ୱିନୀ ଦାଶ - 8917400700

## ବି.ଏସ.କେ.ୱାଇ

ପଞ୍ଜିକୃତ ହୋଇଥିବା ହସ୍ପିଟାଲଗୁଡ଼ିକ ସହିତ ସଂଯୋଜନା ଏବଂ ବୈଷୟିକ ତ୍ରୁଟିରୁ ଉପୁଜୁଥିବା ସମସ୍ୟାଗୁଡିକର ସମାଧାନ କରି BSKY ରେ ଚିକିତ୍ସା ପାଇବାକୁ ଯୋଗ୍ୟ ହିତାଧିକାରୀମାନଙ୍କୁ ସାହାଯ୍ୟ ।

ସୁବ୍ରତ ପାତ୍ରିକା 9937699051 | ମାନସୀ ରାୟ 9078151969

## ଏସ୍ ଓ ଏସ୍ (SOS)

ଅସହାୟ ଲୋକଙ୍କ ଜରୁରୀ କଲ୍ ପାଇ ସେମାନଙ୍କ ପାଖରେ ପହଞ୍ଚିବା

ମନସ୍ୱିନୀ ଦାଶ 8917400700 | ମାନସୀ ରାୟ 9078151969

## ସହାୟତା ପାଇଁ ଟୁଇଟ୍

ସାମାଜିକ ଗଣମାଧ୍ୟମ ଜରିଆରେ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ସମସ୍ୟାକୁ ସମାଧାନ କରିବାପାଇଁ ଯଥାସମ୍ଭବ ପ୍ରୟାସ

ମନସ୍ୱିନୀ ଦାଶ 8917400700